بسم الله الرحمن الرحيم

# ୩୦ ଜୁନ୍ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ ମୁବାରକ୍ ଇସ୍‌ଲାମାବାଦ୍, ଲଣ୍ଡନ୍

ହଜରତ ମୁହମ୍ମଦ [ସ.ଅ]ଙ୍କର ବଦର ଯୁଦ୍ଧ ପାଇଁ ପ୍ରସ୍ତୁତିର ଚିତ୍ରଣ ଏବଂ ହଜୁର [ସ.ଅ]ଙ୍କର ବ୍ୟାକୁଳ ବିନୟ ଦୁଆ ପ୍ରାର୍ଥନାର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ସଓ୍ୱାଦ୍ ବିନ୍ ଗଜିୟା [ର.ଅ]ଙ୍କର ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ପ୍ରୀତିଭାବର ଅଭୂତପୂର୍ଣ୍ଣ ଦୃଶ୍ୟ ଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲା । ସେହି ପରିପ୍ରେକ୍ଷୀରେ ଅଧିକ କିଛି ଘଟଣାବଳୀ ଏପରି ଉଲ୍ଲେଖ ରହିଛି ଯେ, ସଓ୍ୱାଦ୍ ଉକ୍ତ ଯୁଦ୍ଧରୁ ବିଜୟୀ ହୋଇ ପ୍ରତ୍ୟାବର୍ତ୍ତନ କଲେ ଏବଂ ନିଜ ସାଙ୍ଗରେ ଅମାନ୍ୟକାରୀ ଦଳର ଜଣେ ବ୍ୟକ୍ତି ଖାଲିଦ୍ ବିନ୍ ହିଶାମ୍‌ଙ୍କୁ ବନ୍ଦୀ କରି ନେଇ ଆସିଲେ । ପରବର୍ତ୍ତୀ ସମୟରେ ହଜୁର[ସ.ଅ] ତାଙ୍କୁ ଖୈବର୍ ଯୁଦ୍ଧରେ ପ୍ରାପ୍ତ ଧନସମ୍ପତ୍ତି ଏକତ୍ରିତ କରିବା ପାଇଁ **ଆମିଲ୍** ନିଯୁକ୍ତ କରିଥିଲେ ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ଏହି ଘଟଣାର ଚର୍ଚ୍ଚା କରି କୁହନ୍ତି; ରମଜାନ ମାସ ୨ହିଜରୀର ୧୭ତାରିଖ ଜୁମାର ଦିନ ଥିଲା । ସର୍ବପ୍ରଥମେ ପ୍ରାତଃ ନମାଜ ପାଠ କରାଗଲା ସେଥିଅନ୍ତେ ହଜୁର[ସ.ଅ] ଜିହାଦ୍ ପ୍ରସଙ୍ଗରେ ଖୁତ୍‌ବା ଦେଲେ । ତତ୍‌ପଶ୍ଚାତ ଯେତେବେଳେ ସୂର୍ଯ୍ୟୋଦୟ ହେଲା ସେତେବେଳେ ହଜୁର[ସ.ଅ] ଏକ ତୀର ମାଧ୍ୟମରେ ମୁସଲମାନ ସେନା ବାହିନୀର ଧାଡ଼ି ସଜ୍ୟା କଲେ । ସେତେବେଳେ ଜଣେ ସାହାବୀ ଧାଡ଼ିରୁ କିଛି ଆଗକୁ ବାହାରି ରହିଥିଲେ, ହଜୁର[ସ.ଅ] ତୀର ଦ୍ୱାରା ଇଙ୍ଗିତ କରି ତାଙ୍କୁ ପଛକୁ ହଟିବାକୁ କହିଲେ । କିନ୍ତୁ ସଂଯୋଗ ବଶତଃ ତୀର ତାଙ୍କ ଛାତିରେ ବାଜିଗଲା । ସେଥିରେ ଉକ୍ତ ସାହାବୀ ଜଣକ ଦାମ୍ଭିକତାର ସହିତ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କୁ ପ୍ରଭୁ ସତ୍ୟ ଓ ନ୍ୟାୟ ବିଚାରକ ରୂପେ ଅବତୀର୍ଣ୍ଣ କରିଛନ୍ତି । କିନ୍ତୁ ଆପଣ ମୋତେ ଅଯଥାରେ ତୀରର ଆଘାତ ଦେଲେ । ମୁଁ ଆପଣଙ୍କ ଠାରୁ ଏହାର ପ୍ରତିଶୋଧ ଚାହୁଁଛି । ଏଥିରେ ହଜୁର[ସ.ଅ] ଉତ୍ତର ଦେଲେ, ଠିକ୍ ଅଛି ତୁମେ ମଧ୍ୟ ମୋତେ ତୀରରେ ଆଘାତ ଲଗାଇନିଅ । ଏହା କହି ହଜୁର ନିଜ ପବିତ୍ର ଛାତି ଉପରୁ ବସ୍ତ୍ର ଉଠାଇ ଦେଲେ । ଏହା ଦେଖି ଅନ୍ୟ ସାହାବାମାନେ କ୍ଷୋଭ ପ୍ରକାଶ କଲେ କି ସଓ୍ୱାଦ୍‌ଙ୍କୁ ଏ କ'ଣ ହୋଇଗଲା ? କିନ୍ତୁ ସେ ଅଗାଢ଼ ପ୍ରେମରେ ହଜୁର [ସ.ଅ]ଙ୍କୁ କୋଳେଇ ଆଲିଙ୍ଗନ କରିନେଲେ । ହଜୁର[ସ.ଅ] ସ୍ମିତହାସ୍ୟ ପ୍ରକାଶ କରି ପଚାରିଲେ, ସଓ୍ୱାଦ୍ ଏ ତୁମେ କି ପରିକଳ୍ପନା କଲ ? **ସଓ୍ୱାଦ୍ ଅତି ଭାବବିହ୍ୱୋଳ ହୋଇ କହିଲେ; ହେ ଅଲ୍ଲାଃଙ୍କ ରସୁଲ ଶତ୍ରୁ ଆମ ସମ୍ମୁଖରେ ଦଣ୍ଡାୟମାନ, ଜଣା ନାହିଁ ଏଠାରୁ କିଏ ଜୀବିତ ଫେରିବ । ମୁଁ ଇଚ୍ଛା କଲି ଶହିଦ୍ ହେବା ପୂର୍ବରୁ ଆପଣଙ୍କ ପବିତ୍ର ଶରୀର ସହିତ ନିଜ ଶରୀରକୁ ସ୍ପର୍ଶ କରିନିଏ ।**

ଯେତେବେଳେ ହଜୁର[ସ.ଅ] ଧାଡ଼ି ସଜ୍ୟା କରୁଥିଲେ ଆପଣ ସାହାବାମାନଙ୍କୁ କହିଲେ, ଯେପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ ଆଦେଶ ଦେଇ ନାହିଁ ତୁମେମାନେ ଶତ୍ରୁ ଉପରେ ଆକ୍ରମଣ କରିବ ନାହିଁ । ନିଜ ନିଜ ଖଣ୍ଡା ସେପର୍ଯ୍ୟନ୍ତ ବାହର କରିବ ନାହିଁ ଯେପର୍ଯ୍ୟନ୍ତ ଶତ୍ରୁ ତୁମ ନିକଟତର ହୋଇ ନାହିଁ । ହଜୁର[ସ.ଅ] ଜିହାଦ୍ ଓ ଧୈର୍ଯ୍ୟ ରକ୍ଷା କରିବାକୁ ଉଦ୍‌ବୋଧନ ଦେଲେ । ଅଧିକନ୍ତୁ କହିଲେ; ବିପତ୍ତି ସମୟରେ ଧୈର୍ଯ୍ୟ ରକ୍ଷା କରିବା ଦ୍ୱାରା ପ୍ରଭୁ ତାହାକୁ ତୁମ ଠାରୁ ଦୂରେଇ ଦେଇଥାନ୍ତି ଏବଂ ତୁମ ଦୁଃଖର ନିବାରଣ କରି ଦେଇଥାନ୍ତି । ଗୋଟିଏ ସ୍ଥାନରେ ହଜୁର [ସ.ଅ]ଙ୍କର ଏକ ଖୁତବାର ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ସର୍ବପ୍ରଥମେ ହଜୁର ପରମେଶ୍ୱରଙ୍କ ମହିମା ଗାନ କରିବା ପରେ କହିଲେ, ମୁଁ ତୁମମାନଙ୍କୁ ସେଥିପ୍ରତି ଉତ୍ସାହିତ କରୁଅଛି ଯେଉଁଥି ସକାଶେ ଅଲ୍ଲାଃ ଆମମାନଙ୍କୁ ଉତ୍ସାହିତ କରିଥାନ୍ତି ଏବଂ ସେହି କାର୍ଯ୍ୟ କରିବାକୁ ବାରଣ କରୁଛି ଯେଉଁଥିରୁ ନିବୃତ୍ତ ରହିବା ପାଇଁ ପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି । ପରମେଶ୍ୱର ଯେ ମହାନ ଓ ତତ୍ତ୍ୱଜ୍ଞ ସେ ତୁମମାନଙ୍କୁ ସତ୍‌ମାର୍ଗର ଆଦେଶ ଦେଇଥାନ୍ତି । ସେ ସତ୍ୟକୁ ପସନ୍ଦ କରନ୍ତି ଏବଂ ପୁଣ୍ୟବାନମାନଙ୍କୁ ଉଚ୍ଚ ଆସନରେ ଅଧିଷ୍ଠିତ କରିଥାନ୍ତି । କଠିନ ପରିସ୍ଥିତିରେ ଧୈର୍ଯ୍ୟ ରକ୍ଷା କରିବା ଏପରି ପ୍ରସଙ୍ଗ ଯଦ୍ୱାରା ପ୍ରଭୁ ଦୁଃଖକଷ୍ଟକୁ ପ୍ରଶମିତ କରି ସେଥିରୁ ତୁମକୁ ମୁକ୍ତି ପ୍ରଦାନ କରିଥାନ୍ତି । ଧୈର୍ଯ୍ୟ ପ୍ରଦର୍ଶନ କରିବା ଦ୍ୱାରା ପ୍ରଳୟ ଦିବସରେ ମୁକ୍ତି ଲାଭ ହୋଇଥାଏ । ଅଲ୍ଲାଃତାଲା କୁହନ୍ତି; ନିଜ ସୃଷ୍ଟିକର୍ତ୍ତାଙ୍କୁ ଅତିଷ୍ଟ କରିବା ତୁମ ଆପୋଷ ରାଗରୁଶା ଠାରୁ ଢ଼େର ଅଧିକ । ଏଥିପ୍ରତି ଦୃଷ୍ଟିରଖ ଯାହାର ସେ ନିଜ ଧର୍ମ ବିଧାନରେ ଆଦେଶ ଦେଇଛନ୍ତି । ଏବଂ ସେ ତୁମକୁ ନିଜ ନିଦର୍ଶନ ଦେଖାଇ ତୁମର ମର୍ଯ୍ୟାଦାହାନି ପରେ ତୁମକୁ ସମ୍ମାନ ପ୍ରଦାନ କଲେ । ଦେଖ ପରମେଶ୍ୱରଙ୍କୁ ଦୃଢତାର ସହିତ ଜାବୁଡ଼ି ଧର ଏପରିକି ସେ ତୁମ ଉପରେ ପ୍ରସନ୍ନିତ ହୋଇଯିବେ । ସେତେବେଳେ ଯାଇ ତୁମେ ନିଜ ପାଳନକର୍ତ୍ତାଙ୍କ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଯିବ । ତାଙ୍କର ଦୟା ଓ କ୍ଷମା ତୁମ ପାଇଁ ଅତ୍ୟନ୍ତ ଆବଶ୍ୟକ । ତାଙ୍କ ପ୍ରତିଶୃତି ସତ୍ୟ, ତାଙ୍କ ବଚନ ଅଟଳ, ତାଙ୍କ ଦଣ୍ଡ ଭୟଙ୍କର ଓ ଅସହ୍ୟ । ମୁଁ ଓ ତୁମେମାନେ ସେହି ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ସାଥିରେ ରହିଛେ ଯେ ଚିରଞ୍ଜୀବୀ ଓ ସର୍ବତ୍ର ବିଦ୍ୟମାନ । ଆମେ ତାଙ୍କ ନିକଟରେ ବିଜୟ ପ୍ରାପ୍ତିର ଗୁହାରି କରୁଛେ ଏବଂ ଆମେ ସେହି ପରାକ୍ରମୀ ସତାଙ୍କ ହାତ ଧରିଛେ । ସେ ହିଁ ଆମର ସାହାଭରଷା ଏବଂ ଶେଷରେ ତାଙ୍କରି ନିକଟକୁ ଆମେମାନେ ଫେରିଯିବା । **ହେ ପ୍ରଭୁ ଆମମାନଙ୍କୁ ଓ ସମସ୍ତ ମୁସଲମାନମାନଙ୍କୁ କ୍ଷମା କରିଦିଅ ।**

ହଜରତ ଇବନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି, ବଦର ଯୁଦ୍ଧଦିନ ହଜରତ ମୁହମ୍ମଦ[ସ.ଅ] କହିଲେ; ମୋତେ ସୂଚନା ମିଳିଛି ଯେ କବିଲା ବନୁ ହାଶିମ୍ ଓ ଅନ୍ୟ କିଛି ଲୋକମାନେ ଅମାନ୍ୟକାରୀଙ୍କ ସାଥିରେ ବାଧ୍ୟବାଧକତାରେ ଆସି ଯାଇଛନ୍ତି । ବାସ୍ତବରେ ସେମାନେ ଆମ ସହିତ ଲଢ଼ିବାକୁ ଚାହାନ୍ତି ନାହିଁ । ଅତଏବ ତୁମମାନଙ୍କ ମଧ୍ୟରୁ ଯେ କେହି ବନୁ ହାଶିମ୍‌ର କୌଣସି ବ୍ୟକ୍ତି ସହ ମୁହାଁମୁହିଁ ହୁଏ ତେବେ ତାହାକୁ ହତ୍ୟା କରିବ ନାହିଁ । ଆଉ ଯେ ଅବୁଲ୍ ବଖ୍‌ତରୀକୁ ଭେଟିବ ସେ ତାହାକୁ ହତ୍ୟା କରିବ ନାହିଁ । ଏହିପରି କେତେକ ଲୋକ ଉକ୍ତ ସେନାରେ ଏପରି ସାମିଲ ଅଛନ୍ତି, ଯେ ମକ୍କାରେ ଆମ ବିପତ୍ତି ସମୟରେ ଆମମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ବସ୍ତୁତଃ ଆମର କର୍ତ୍ତବ୍ୟ ବର୍ତ୍ତମାନ ଆମେ ସେମାନଙ୍କ ଦୟା ଆଚରଣର ପ୍ରତିବଦଳ ପରିଶୋଧ କରିଦେବା । **ତେଣୁ ଯଦି କେହି ଏପରି ବ୍ୟକ୍ତିକୁ ପତିତ କରିଦିଏ ତେବେ ତାହାକୁ କୌଣସି ପ୍ରକାର କ୍ଷତି ପହଂଚାଇବ ନାହିଁ ।**

ଏଥିରେ ଅବୁ ହୁଜେଫା କହିଲେ; ଏହା କିଭଳି ସମ୍ଭବ କି ଆମେ ନିଜ ଭାଇବନ୍ଧୁଙ୍କୁ ତ ବଧ କରିଦେବା କିନ୍ତୁ ଅବ୍‌ବାସ [ର.ଅ]ଙ୍କ ଉପରେ ଖଡ଼ଗ୍ ଚାଳନା କରିବା ନାହିଁ । ପରବର୍ତ୍ତୀ ସମୟରେ ଅବୁ ହୁଜେଫା ନିଜର ସେହି

ଅସାଦାଚରଣକୁ ସ୍ମରଣ କରି ବହୁତ କ୍ଷୋଭ ପ୍ରକାଶ କରୁଥିଲେ ଏବଂ କହୁଥିଲେ, ମୋର ଶହିଦ୍ ହେବା ହିଁ ସେହି ଭୁଲର ଏକ ମାତ୍ର ପ୍ରାୟଶ୍ଚିତ । ଅତଏବ ଅବୁ ହୁଜେଫା ୟମାମ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କୁ ଉକ୍ତ ନିର୍ଦ୍ଦେଶାବଳୀ ପ୍ରଦାନ କରିବା ଅନ୍ତେ ଶିବିର ମଧ୍ୟକୁ ଚାଲି ଯାଇଥିଲେ ଏବଂ ଦୁଆ ପ୍ରାର୍ଥନାରେ ନିମଗ୍ନ ହୋଇଗଲେ । ଆପଣ କିବ୍‌ଲା ଆଡ଼କୁ ମୁହଁ କରି ନିଜ ପାଳନକର୍ତ୍ତାଙ୍କୁ ଉଚ୍ଚ ସ୍ୱରରେ ଡ଼ାକିବା ଆରମ୍ଭ କଲେ । ଏପରିକି ଆପଣଙ୍କ ଚଦର କାନ୍ଧ ଉପରୁ ଖସି ପଡ଼ିଥିଲା । ଏଥିରେ ହଜରତ ଅବୁବକର[ର.ଅ] ଆପଣଙ୍କ ନିକଟକୁ ଆସି ଚଦର ଉଠାଇ ପୁନର୍ବାର କାନ୍ଧ ଉପରେ ରଖିଦେଉ ଥିଲେ । ଶେଷରେ ହଜରତ ଅବୁବକର[ର.ଅ] ଆପଣଙ୍କ ସହିତ ସଂଲଗ୍ନ ହୋଇଗଲେ ଏବଂ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜ ପ୍ରଭୁଙ୍କ ସରଣେ ଯଥେଷ୍ଟ ଆକୁଳ ନିବେଦନ କରିନେଲେ । **ପ୍ରଭୁ ଆପଣଙ୍କ ସହିତ କରିଥିବା ଅଙ୍ଗୀକାର ସୁନିଶ୍ଚିତ ପୂରଣ କରିବେ ।**

ଯେତେବେଳେ ଅମାନ୍ୟକାରୀମାନେ ଆକ୍ରମଣ କରିଦେଲେ ସେତେବେଳେ ହଜୁର[ସ.ଅ] ଅତି ବ୍ୟାକୁଳତାର ସହ ଏହି ଦୁଆ କଲେ **ହେ ଅଲ୍ଲାଃ ! ନିଜ ପ୍ରତିଶୃତି ପୂରଣ କର । ହେ ମୋ ମାଲିକ ! ଯଦି ମୁସଲମାନମାନଙ୍କର ଏହି ଦଳ ଆଜି ଏଠାରେ ନିପାତ ହୋଇଯାଏ ତେବେ ଭୂ-ପୃଷ୍ଠରେ କେହି ତୁମ ଉପାସନାକାରୀ ବାକି ରହିବେ ନାହିଁ । ଏହି ଦୁଆ ସମୟରେ ହଜୁର [ସ.ଅ]ଙ୍କର ଅବସ୍ଥା ଏପରି ବେଦନାପୂର୍ଣ୍ଣ ରହିଥିଲା ଯେ କେତେବେଳେ ଆପଣ ସଜ୍‌ଦାରେ ପଡ଼ି ଯାଉଥିଲେ ତ କେତେବେଳେ ଛିଡ଼ା ହୋଇ ପ୍ରଭୁଙ୍କୁ ସ୍ମରଣ କରୁଥିଲେ ।**

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ପବିତ୍ର କୁରଆନରେ ହଜୁର [ସ.ଅ]ଙ୍କୁ ବାରମ୍ବାର ଅମାନ୍ୟକାରୀଙ୍କ ଉପରେ ବିଜୟ ପ୍ରାପ୍ତିର ପ୍ରତିଶୃତି ଦିଆ ଯାଇଥିଲା । ତଥାପି ଯେତେବେଳେ ବଦରର ଯୁଦ୍ଧ ଘଟିଲା ଯାହାକି ଇସଲାମର ସର୍ବପ୍ରଥମ ଧର୍ମଯୁଦ୍ଧ ଥିଲା ସେତେବେଳେ ହଜୁର[ସ.ଅ] ନିଜ ପ୍ରଭୁଙ୍କ ସମକ୍ଷ ଦୁଆ ଓ ଅଶ୍ରୁ ଝରାଇବା ଆରମ୍ଭ କରିଦେଲେ ଏବଂ ରୋଦନ କରି କରି ଏହି ଶବ୍ଦ ଉଚ୍ଚାରଣ କରୁଥିଲେ ହେ ପ୍ରଭୁ ! ଆଜି ଯଦି ମୁସଲମାନମାନଙ୍କ ଏହି ସଂଖ୍ୟାଲଘୁ ଦଳ ଯାହାକି ୩୧୩ଜଣଙ୍କ ମଧ୍ୟରେ ସୀମିତ ଏଠାରେ ବିନାଶ ହୋଇଗଲେ ତେବେ ପ୍ରଳୟ ଦିବସ ପର୍ଯ୍ୟନ୍ତ ତୁମର କେହି ଉପାସନା କରିବେ ନାହିଁ ।

ଯେତେବେଳେ ହଜରତ ମୁହମ୍ମଦ[ସ.ଅ] ଶିବିର ମଧ୍ୟରେ ଏହି ଦୁଆ କରୁଥିଲେ ସେତେବେଳେ ଆପଣଙ୍କୁ ଉଙ୍ଘ ମାଡ଼ିଲା । ତତ୍‌ପଶ୍ଚାତ ହଜୁର ହଠାତ୍ ଚେଇଁ ଉଠିଲେ ଏବଂ କହିଲେ, ହେ ଅବୁବକର୍ ପ୍ରଫୁଲ୍ଲିତ ହୋଇଯାଅ ! ତୁମ ପରମ ପ୍ରତାପୀ ପ୍ରଭୁଙ୍କ ଅନୁକମ୍ପା ଆସନ୍ନ । ଦେଖ ହଜରତ ଜିବରିଲ୍ ନିଜ ଅଶ୍ୱର ଲଗାମ ଧରି ଧାଇଁ ଆସୁଛନ୍ତି ଏବଂ ତାହା ପାଦ କିପରି ଧୂଳି ଧୂସରିତ ।

ବଦର ରଣକ୍ଷେତ୍ରରେ ହଜୁର[ସ.ଅ] ହଜରତ ଜୁବେର୍ ବିନ୍ ଅଓାମ୍‌ଙ୍କୁ ମେମନାଃ ଠାରେ, ହଜରତ ମିକଦାଦ୍ ବିନ୍ ଉମରୋ [ର.ଅ]ଙ୍କୁ ମେଶରାଃ ଠାରେ, କୈଶଙ୍କୁ ପଦାତିକ ସେନା ବାହିନୀର ସେନାପତୀ ଭାବରେ ମୁତୟନ କରିଥିଲେ । ସମଗ୍ର ସେନା ବାହିନୀର ନେତୃତ୍ୱ ହଜୁର [ସ.ଅ]ଙ୍କ ହାତରେ ରହିଥିଲା, ଆପଣ ଧାଡ଼ିର ସର୍ବାଗ୍ରେ ରହିଥିଲେ । ହଜରତ ଅଲୀ[ର.ଅ] କୁହନ୍ତି; ବଦର ଦିନ ଆମେ ହଜୁର [ସ.ଅ]ଙ୍କ ପଛେ ପଛେ ରହୁଥିଲୁ ଏବଂ ହଜୁର[ସ.ଅ] ଶତ୍ରୁର ଅତି ନିକଟବର୍ତ୍ତୀ ରହିଥିଲେ । ସମସ୍ତଙ୍କ ତୁଳନାରେ ହଜୁର[ସ.ଅ] ଅଧିକ ଶତ୍ରୁର ମୁକାବିଲା କରୁଥିଲେ ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ଯେତେବେଳେ ଉଭୟ ସେନା ବାହିନୀ ପରସ୍ପରର ମୁହାଁମୁହିଁ ହୋଇଗଲେ ସେତେବେଳେ ବିଧାତା ଏପରି ଅଭୂତପୂର୍ବ ଦୃଶ୍ୟ ଦେଖାଇଲେ ଯେ ଇସଲାମୀୟ

ସେନା ଏପରି ଶୃଙ୍ଖଳିତ ଭାବରେ ଦଣ୍ଡାୟମାନ ଥିଲେ କି ଅମାନ୍ୟକାରୀଙ୍କୁ ସେମାନଙ୍କ ସଂଖ୍ୟା ଦୁଇଗୁଣ ଦୃଶ୍ୟମାନ ହେଉଥିଲା । ଅପରପକ୍ଷେ ଅର୍ଥାତ ମୁସଲମାନମାନଙ୍କୁ ଅମାନ୍ୟକାରୀଙ୍କ ସଂଖ୍ୟା ନିଜ ଠାରୁ ଅଧା ପ୍ରତୀତ ହେଉଥିଲା । କୁରୈଶର ଅଧିପତିମାନେ ଉମେର୍ ବିନ୍ ୱ୍ହବ୍‌ଙ୍କୁ ଏହି ଉଦ୍ଦେଶ୍ୟରେ ପ୍ରେରଣ କଲେ କି ସେ ମୁସଲମାନମାନଙ୍କ ଚତୁର୍ପାର୍ଶ୍ୱରେ ନିରିକ୍ଷଣ କରି, ସେମାନଙ୍କ ସଠିକ୍ ଉପସ୍ଥିତି ଆକଳନ କରି ଆସନ୍ତୁ । ସେତେବେଳେ ଉମେର୍‌ଙ୍କ ଉପରେ ମୁସଲମାନ ସେନାର ଭବ୍ୟତା ଓ ଆତଙ୍କର ଏଭଳି ପ୍ରଭାବ ପଡ଼ିଲା ଯେ, ସେ ଭୀଷଣ ରୂପେ ଭୟଭୀତ ହୋଇ ଅମାନ୍ୟକାରୀଙ୍କ ନିକଟକୁ ଫେରି ଆସି କହିଲେ; **ହେ କୁରୈଶ ! ମୁଁ ଦେଖିଲି ମୁସଲମାନ ସେନାରେ ଓଟଗୁଡ଼ିକ ନିଜ ଉପରେ ସୈନିକଙ୍କୁ ନୁହେଁ ବରଂ ମୃତକଙ୍କୁ ଆରୋହଣ କରିଛନ୍ତି । କୁରୈଶ ଏକଥା ଶୁଣି ଅସ୍ତବ୍ୟସ୍ତ ହୋଇ ଉଠିଲେ ଏବଂ ସେମାନଙ୍କ ମଧ୍ୟରେ କୋଳାହଳର ପରିବେଶ ପରିବ୍ୟାପ୍ତ ହୋଇଗଲା ।**

ହକିମ୍ ବିନ୍ ହଜାମ୍ ଏକଥା ଶୁଣିବା ପରେ ଉତ୍‌ବା ବିନ୍ ରବିୟାଙ୍କ ନିକଟକୁ ଆସିଲା ଏବଂ ଉତ୍‌ବାକୁ ଫେରି ଯିବାକୁ ପରାମର୍ଶ ଦେଲା । ଉତ୍‌ବା ତ ସ୍ୱୟଂ ଭୟଭୀତ ଥିଲା, ଏହି ରାୟକୁ ସେ ପସନ୍ଦ କଲା ଏବଂ ହକିମ୍‌ଙ୍କୁ କହିଲା; ଆମେ ଓ ମୁସଲମାନମାନେ ପରସ୍ପରର ସମ୍ପର୍କୀୟ । କ'ଣ ଏହା ଭଲ ଲାଗିବ କି ଦୁଇଭାଇ ପରସ୍ପର ଉପରେ ଖଣ୍ଡା ଚାଳନା କରନ୍ତୁ । ସୁତରାଂ ତୁମେ ଅବୁ ଜହେଲ୍ ନିକଟକୁ ଯାଅ ଏବଂ ତାହା ନିକଟରେ ଏହି ପ୍ରସ୍ତାବ ରଖ । ଯେତେବେଳେ ହକିମ୍ ବିନ୍ ହଜାମ୍ ଏହି ପ୍ରସ୍ତାବ ଅବୁ ଜହେଲ୍ ନିକଟରେ ରଖିଲା ସେତେବେଳେ ସେ ସଙ୍ଗସଙ୍ଗେ କହି ଉଠିଲା ଆଛା ଆଛା ! ଏବେ ଉତ୍‌ବାକୁ ନିଜ ସମ୍ମୁଖରେ ନିଜ ପରିଜନ ଦିଶୁଛନ୍ତି । ସେଥିଅନ୍ତେ ଅବୁ ଜହେଲ୍ ଅତି ଚତୁରତାର ସହିତ ଉକ୍ତ ପ୍ରସ୍ତାବକୁ ଏପରି ରଦ୍ଦ କରିଦେଲା କି ଅମାନ୍ୟକାରୀ ସୈନିକଙ୍କ ହୃଦୟରେ ଶତ୍ରୁତାର ଉନ୍ମାଦିତ ଅଗ୍ନି ଉର୍ଦ୍ଧ୍ୱଗାମୀ ହେବାକୁ ଲାଗିଲା ଏବଂ ଯୁଦ୍ଧର ତେଜତା ପୂର୍ଣ୍ଣ ତୀବ୍ରତାର ସହିତ ପ୍ରଜ୍ୱଳିତ ହୋଇ ଉଠିଲା ।

ଖୁତ୍‌ବାର ଶେଷରେ ପ୍ରିୟ ହଜୁର ଅନୱ୍ୱର[ଅ.ବ] କହିଲେ; ଏହି ଆଲୋଚନା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ଇନ୍‌ଶାଅଲ୍ଲାଃ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍‌କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

30th June 2023